# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11th September - 2024**

**News Editor : *Itishree Sing Rathaur***

**************************************

***BBSR/R***

## ବ୍ୟୟ ମଞ୍ଜୁରି ବିଲ୍

ବିଧାନସଭାରେ ବ୍ୟୟ ମଞ୍ଜୁରି ବିଲ୍ ପାରିତ ହୋଇଛି । ଏହି ବିଲ୍ ଉପରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ପରିବର୍ତ୍ତନ, ବିକାଶ, ସୁଶାସନ ଏବଂ ଓଡ଼ିଆ ଅସ୍ମିତା ଉପରେ ଗୁରୁତ୍ୱ ଦିଆଯାଉଛି । ଆଗାମୀ ୫ ବର୍ଷରେ ୩ ଲକ୍ଷ ୫୦ ହଜାର ନିଯୁକ୍ତି ସୃଷ୍ଟିପାଇଁ ଲକ୍ଷ୍ୟ ରଖାଯାଇଛି । ଶ୍ରୀ ମାଝୀ କହିଛନ୍ତି, ପ୍ରାଥମିକ ସ୍ତରରେ ଶିକ୍ଷାର ଗୁଣାତ୍ମକ ମାନକୁ ବୃଦ୍ଧି କରିବାପାଇଁ ବଜେଟ୍‌ରେ ଅନେକ ବ୍ୟବସ୍ଥା କରାଯାଇଛି । ୨୦୨୯ ମସିହା ସୁଦ୍ଧା ରାଜ୍ୟକୁ ୨ ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ଘରୋଇ ପୁଞ୍ଜିନିବେଶ ଏବଂ ୨ ବିଲିୟନ୍ ଡଲାରରୁ ଅଧିକ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଆଣିବାପାଇଁ ଯୋଜନା କରାଯାଉଛି । କେନ୍ଦ୍ର ସରକାରଙ୍କ ସହଯୋଗରେ ରେଳ କରିଡର୍ ଏବଂ ସଡ଼କ ପଥର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷ ପୂର୍ଣ୍ଣାଙ୍ଗ

ବଜେଟ୍ ପାଇଁ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବ୍ୟୟ ମଞ୍ଜୁରି ବିଲ୍ ପାରିତ ହୋଇଛି ।

*IPR*

## ମୁଖ୍ୟମନ୍ତ୍ରୀ - ନିର୍ମାଣ ଶ୍ରମିକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୪୩ ଲକ୍ଷ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ୩ ହଜାର ୬୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

*IPR*

## ସୁଭଦ୍ରା ଯେଜନା

ସୁଭଦ୍ରା ଯୋଜନାରେ ଆବେଦନ ଫର୍ମ ବିତରଣ ଓ ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । କୌଣସି ସ୍ଥାନରେ ଫର୍ମ ପାଇଁ ଅର୍ଥ ଦାବି କରାଯାଉଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ, ସୁଭଦ୍ରା ଯୋଜନାରେ ଗତକାଲି ସୁଦ୍ଧା ୧୫ ଲକ୍ଷରୁ ଅଧିକ ପଞ୍ଜୀକରଣ ହୋଇଛି । ସୁଭଦ୍ରା ଯୋଜନାପାଇଁ ଆବେଦନର ସମସ୍ତ ପ୍ରକ୍ରିୟା,

ସ୍କାନିଂ ଓ ଅପ୍‌ଲୋଡ଼ କରିବାପାଇଁ ଜି.ଏସ୍.ଟି. ସହ ପ୍ରତି ଫର୍ମ ପାଇଁ ବିଭାଗ ପକ୍ଷରୁ ୧୫ ଟଙ୍କା ସମ୍ପୃକ୍ତ କେନ୍ଦ୍ରଗୁଡ଼ିକୁ ପ୍ରଦାନ କରାଯାଉଛି ।

***BBSR/R***

## ସରପଞ୍ଚ - ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ମୋଟ୍ ୮୧ ଜଣ ସରପଞ୍ଚଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ବିଧାନସଭାରେ କହିଛନ୍ତି । ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଜିଲ୍ଲାପାଳ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କୌଣସି ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଆସିଲେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ।

***BBSR/R***

## ଶୌଚାଳୟ

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଯୋଜନାରେ ମୋଟ୍ ୭୪ ଲକ୍ଷ ୭ ହଜାର ୫୨୭ଟି ଶୌଚାଳୟ ନିର୍ମାଣ ହୋଇଥିବା ବିଧାନସଭାରେ ମନ୍ତ୍ରୀ ରବିନାରାୟଣ ନାଏକ ସୂଚନା ଦେଇଛନ୍ତି । ମୋଟ୍ ୪ ହଜାର ୬୦୫ଟି ପଞ୍ଚାୟତକୁ ପୌରାଞ୍ଚଳ ମଳ ଉପଚାର କେନ୍ଦ୍ର

ସହ ସଂଯୋଗ କରାଯାଇଛି ବୋଲି ବିଧାୟକ ଆକାଶ ଦାସ ନାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ।

***Desk***

## ଜି.ପି.ଏସ୍. ଟୋଲ୍ ବ୍ୟବସ୍ଥା

କେନ୍ଦ୍ର ସରକାର ଘରୋଇ ଗାଡ଼ିଗୁଡ଼ିକ ପାଇଁ ଜି.ପି.ଏସ୍. ଆଧାରିତ ଟୋଲ୍ ବ୍ୟବସ୍ଥାକୁ ମଞ୍ଜୁରି ଦେଇଛନ୍ତି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ରାଜପଥ ଶୁଳ୍କ ନିୟମ-୨୦୦୮କୁ ସଂଶୋଧନ କରାଯାଇଛି । ଏଥିରେ ସାଟେଲାଇଟ୍ ଆଧାରିତ ସିଷ୍ଟମ୍ ମାଧ୍ୟମରେ ଇଲେକ୍‌ଟ୍ରୋନିକ ଟୋଲ୍ ସଂଗ୍ରହକୁ ସାମିଲ୍ କରାଯାଇଛି । ଏହି ନୂଆ ବ୍ୟବସ୍ଥାରେ ଗାଡ଼ିଗୁଡ଼ିକ ଯେତିକି ଦୂର ଯାତ୍ରା କରିବେ, ସେହି ହିସାବରେ ଟୋଲ୍ ଫି ଦେବାର ବ୍ୟବସ୍ଥା ହୋଇଛି ।

***Desk***

## ପି.ଜି. ନାମଲେଖା

ରାଜ୍ୟରେ ସ୍ନାତକୋତ୍ତର ଶ୍ରେଣୀପାଇଁ ତୃତୀୟ ପର୍ଯ୍ୟାୟ ନାମଲେଖା ଆଜିଠାରୁ ଆରମ୍ଭ ହେଉଛି । ଏହି ପର୍ଯ୍ୟାୟରେ ୭ ହଜାର ୯୫୨ ଜଣ ଛାତ୍ରଛାତ୍ରୀ ନାମଲେଖାପାଇଁ ଚୟନ ହୋଇଛନ୍ତି ।  ନାମଲେଖାପାଇଁ ଅନ୍ତିମ ପର୍ଯ୍ୟାୟ ଚୟନ ହୋଇଥିବାରୁ ଛାତ୍ରଛାତ୍ରୀମାନେ ଫ୍ରିଜ୍ ଅପ୍‌ସନ୍ ଦେବାକୁ

ବାଧ୍ୟତାମୂଳକ କରାଯାଇଛି । ଏହି ନାମଲେଖା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାପରେ ସ୍ଳଟ୍ ନାମଲେଖାପାଇଁ ୧୮ରୁ ୨୦ ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରାଯାଇପାରିବ ।

***Desk***

# ପୁରୀ ଶ୍ରୀମନ୍ଦିର - ରାଧାଷ୍ଟମୀ

ପୁରୀ ଶ୍ରୀମନ୍ଦିରରେ ଆଜି ରାଧାଷ୍ଟମୀ ଅବସରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେଉଛି । ଆଜି ଚଉଦୋଳରେ ଅଧିଷ୍ଠିତ ହୋଇ ଶ୍ରୀସୁଦର୍ଶନ ଦେବ ଶ୍ରୀମନ୍ଦିରରୁ ବାହାରିବେ । ସେ ପ୍ରଭୁ ଜମ୍ବେଶ୍ୱରଙ୍କ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ପକ୍ଷରୁ ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟର ହିସାବ ନେବାର ପରମ୍ପରା ରହିଛି । ରାଧାଷ୍ଟମୀରେ ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଯାଇଥାଏ । ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀଙ୍କୁ ସିଂହାସନ ଉପରେ ବିଜେ କରାଯିବ । ଏହାପରେ ମଧ୍ୟାହ୍ନ ଧୂପ ଶେଷ ହୋଇ ଯଥାବିଧି ରାଧାଷ୍ଟମୀ ନୀତି ସମ୍ପନ୍ନ ହେବ ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ ହେବା ପରେ ଛତିଶଗଡ଼ ଆଡ଼କୁ ଅଗ୍ରସର ହୋଇଛି । ଏହାର ପ୍ରଭାବରେ

ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୪ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି । ସୂଚନା ଅନୁସାରେ, ଗତ ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ାରେ ସର୍ବାଧିକ ୧୩୩ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି ।

*****